ସମାଜ
The Samaja

01st March, 2021

# ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ

ଜଟଣୀ,୨୮।୨(ନି.ପ୍ର): ଜଟଣୀ ଅରଗୁଳ ସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମାନବ ଜୀବନକୁ ଉନ୍ନତ କରିବାରେ ସହାୟକ ହୋଇଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବଦାନ ଉପରେ ଆଇଆଇଟିର ନିର୍ଦ୍ଦେଶକ ଆଲୋକପାତ କରିବା ସହ ଅଧିକ ଗବେଷଣା ଓ ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର  ମହାପାତ୍ର ଡ଼ାକ୍ତରୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭିନ୍ନ ଜଟିଳ ଦିଗ



ଏବଂ ଦୈନନ୍ଦିନ ଜୀବନରେ ଏହାର ସହଜ ବ୍ୟବହାର ଉପରେ ଆଲୋକପାତ କରିଥିଲେ । ଦେଶର ପ୍ରଗତି ଏବଂ ବିକାଶ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଏବଂ ଏଥିରେ ଛାତ୍ର ଛାତ୍ରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇଆଇଟି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା,ଡ଼. ପି.ଆର.ସାହୁ, ଆଇଆଇଟି ରେଜିଷ୍ଟ୍ରାର କର୍ଣ୍ଣେଲ ଡ଼.ସୁବୋଧ କୁମାର, ଜଏଣ୍ଟ ରେଜିଷ୍ଟ୍ରାର ଦେବରାଜ ରଥ ପ୍ରମୁଖ ଯୋଗ ଦେଇଥିଲେ ।